# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**3 November - 2024**

**News Editor : *Itishree Singh Rathore***

**********************************

## ମୁଖ୍ୟ ସମ୍ବାଦ

- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ସିଙ୍ଗାପୁର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ।
- ଚଳିତବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ରାଜ୍ୟରେ ଘଟିଥିବା ଅସ୍ୱାଭାବିକ ହାତୀ ମୃତ୍ୟୁର ତଦନ୍ତ କରାଯିବ; ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ।
- କଟକରେ ଚାଲିଛି କାଳୀ ଭସାଣୀ ସମାରୋହ ।

ଏବଂ

- ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ର ଟିକଟ ମୂଲ୍ୟ ଧାର୍ଯ୍ୟ ।

# ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୮ରୁ ୨୦ ତାରିଖ ତିନିଦିନ ପାଇଁ ସିଙ୍ଗାପୁର ଗସ୍ତରେ ଯିବେ । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ

ଗ୍ରହଣ କରିବା ପରେ ଶ୍ରୀ ମାଝୀଙ୍କର ଏହା ହେବ ପ୍ରଥମ ବିଦେଶ ଗସ୍ତ । ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ପାଇଁ ସେଠାରେ ଏକ ରୋଡ୍ ଶୋ'ରେ ଶ୍ରୀ ମାଝୀ ଯୋଗଦେବେ । ନିବେଶକଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ମଧ୍ୟ ରହିଛି । ମିଳିଥିବା ସୂଚନା ଅନୁଯାୟୀ ସବୁଜ ଶକ୍ତି, ରସାୟନକ୍ଷେତ୍ର, ସେମି କଣ୍ଡକ୍ଟର, ପେଟ୍ରୋ ରସାୟନ କ୍ଷେତ୍ର, ଆଇଟି, ଟେକ୍ସଟାଇଲ, ଖାଦ୍ୟପ୍ରକ୍ରିୟାକରଣ ଆଦି କ୍ଷେତ୍ର ଉପରେ ପୁଞ୍ଜିନିବେଶ ଲାଗି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ଏବଂ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଗସ୍ତରେ ଯିବେ ।

## ମହାନଦୀ ଜଳବିବାଦ ପ୍ରସଙ୍ଗ

ମହାନଦୀ ଜଳବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଏହି ମାମଲାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ବଲାଙ୍ଗୀରରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏ ସମ୍ପର୍କରେ ପୂର୍ବରୁ ଦୁଇଥର ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଆଗାମୀ ଦିନରେ ମହାନଦୀ ଉପରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଚାର ଚାଲିଛି। ଆନିକଟ୍‌ଠାରୁ ଆରମ୍ଭ କରି ବ୍ୟାରେଜ ଓ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ୮୯୦ କୋଟି ଟଙ୍କା ବ୍ୟୟରେ ୮୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ବଲାଙ୍ଗୀରରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଆଜି କହିଛନ୍ତି ଏହିସବୁ ପ୍ରକଳ୍ପର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିମାସରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

**- V/O –**

## ହାତୀ ମୃତ୍ୟୁ ତଦନ୍ତ ନିର୍ଦ୍ଦେଶ

ଚଳିତବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ରାଜ୍ୟରେ ଘଟିଥିବା ଅସ୍ୱାଭାବିକ ହାତୀ ମୃତ୍ୟୁ ନେଇ ତଦନ୍ତ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି । ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ କହିଛନ୍ତି ଏପର୍ଯ୍ୟନ୍ତ ରାଜ୍ୟରେ ୫୦ଟି ହାତୀ ମୃତ୍ୟୁ ଘଟଣା ନେଇ ବିଭିନ୍ନ ସମ୍ବାଦପତ୍ରରେ ତଥ୍ୟ ପ୍ରକାଶିତ ହୋଇଛି । ହାତୀ ସୁରକ୍ଷାରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଗଜ ସାଥୀ ମୁତୟନ, ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ ଆଦି ଏଥିରେ ଅନ୍ତର୍ଭୁକ୍ତ । ବନ୍ୟଜନ୍ତୁଙ୍କୁ

ସୁରକ୍ଷିତ ପରିବେଶ ପ୍ରଦାନ କରିବାର ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ମଧ ମନ୍ତ୍ରୀ ଶ୍ରୀ ଘୁଣ୍ଟିଆ ଗୁରୁତ୍ୱାରୋପ କରିଛନ୍ତି । ହାତୀମୃତ୍ୟୁ ଘଟଣା ବନଖଣ୍ଡ ଅନୁଯାୟୀ ପ୍ରସ୍ତୁତ କରାଯାଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଦୋଷୀ ବ୍ୟକ୍ତି ଏବଂ ଅବହେଳା ପ୍ରଦର୍ଶନ କରିଥିବା ବନବିଭାଗ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଂକ୍ରାନ୍ତ ସମସ୍ତ ତଥ୍ୟ ଏକମାସ ମଧ୍ୟରେ ଦାଖଲ କରିବାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଧାନ କ୍ରୟ

ଚଳିତ ବିପଣନ ଋତୁରେ କେନ୍ଦ୍ର ସରକାର ୧୮୫ଲକ୍ଷ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ବୋଲି ଖାଉଟୀ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ସୂଚନା ଦେଇଛି । ଏପର୍ଯ୍ୟନ୍ତ ୯୦ ଲକ୍ଷ ଟନ୍‌ରୁ ଅଧିକ ଧାନ ମଣ୍ଡି ଗୁଡ଼ିକରେ ପହଞ୍ଚିସାରିଛି । ସେଥିରୁ ୮୫ଲକ୍ଷ ଟନ୍‌ରୁ ଅଧିକ ରାଜ୍ୟ ଏଜେନ୍ସୀ ଏବଂ ଭାରତୀୟ ଖାଦ୍ୟ ନିଗମ ଏଫ୍‌ସିଆଇ ପଞ୍ଜାବରୁ କ୍ରୟ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ଗ୍ରେଡ୍-ଏ ଧାନ ପାଇଁ ସରକାରଙ୍କ ପକ୍ଷରୁ ସ୍ଥିର ହୋଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୩୨୦ ଟଙ୍କାରେ କିଣାଯାଉଛି । ଏପର୍ଯ୍ୟନ୍ତ ମୋଟ୍ ୧୯ହଜାର ୮୦୦କୋଟି ଟଙ୍କା ଧାନ କ୍ରୟ ବାବଦରେ ଚାଷୀଙ୍କୁ ପ୍ରଦାନ କରାଯାଇଛି ।

ଏହାଦ୍ୱାରା ପାଖାପାଖି ୪ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ମୁଖ୍ୟମନ୍ତ୍ରୀ-ଧଉଳି ଶାନ୍ତିସ୍ତୂପ

ଧଉଳି ଶାନ୍ତିସ୍ତୂପ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଳିଙ୍ଗ ନିପୋନ ବୁଦ୍ଧ ସଂଗଠନ ପକ୍ଷରୁ ଆୟୋଜିତ ଧଉଳି ଶାନ୍ତିସ୍ତୂପର ୫୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଧଉଳି ଶାନ୍ତିସ୍ତୂପ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ ଧଉଳି ଓଡ଼ିଆ ସ୍ୱାଭିମାନର ପରିଚୟ । ସମଗ୍ର ବିଶ୍ୱକୁ ଧଉଳି ଶାନ୍ତି ଏବଂ ଅହିଂସାର ବାର୍ତ୍ତା ପ୍ରଦାନ କରିଛି । ରାଜ୍ୟର ଐତିହ୍ୟସ୍ଥଳୀ ଗୁଡ଼ିକର ଉନ୍ନତି ଏବଂ ବିକାଶକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କଟକ କାଳୀଭସାଣୀ

କଟକରେ ମା’ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଭସାଣୀ ସମାରୋହ ଚାଲିଛି । ପୂର୍ବାହ୍ଣରେ ମେଢ଼ଗୁଡ଼ିକୁ ମଣ୍ଡପରୁ ବାହାର କରାଯାଇ ସାହି ପରିକ୍ରମା କରାଯିବା ପରେ ଏବେ ପୁରୀଘାଟ ଥାନା ଅନ୍ତର୍ଗତ ଦେବୀଗଡ଼ାକୁ ଶୋଭାଯାତ୍ରାରେ ନିଆଯାଉଛି । ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ସେଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଉଛି । ଚଳିତ ବର୍ଷ କଟକରେ

୭୦ରୁ ଊର୍ଦ୍ଧ୍ୱ କାଳୀ ପ୍ରତିମା ପୂଜା ପାଉଥିଲେ। ଏପର୍ଯ୍ୟନ୍ତ ୧୬ଟି ମୂର୍ତ୍ତି ବିସର୍ଜିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

## ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଓ ୧୧ ତାରିଖରେ ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି କୁହାଯାଇଛି।

# ନିଧି ରଥ ଶୁଭାରମ୍ଭ

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ମଶାରୀ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି । ମଶାବାହିତ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଉଦ୍ଦିଷ୍ଟ ନିଧି ରଥର ଆଜି ଶୁଭାରମ୍ଭ ହୋଇଛି । ବିଧାୟକ କହ୍ନେଇ ଚରଣ ଡାଙ୍ଗ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବା ସହ ମଶାଜନିତ ରୋଗର କାରଣ ଏବଂ ଏହାର ନିରାକରଣ ନେଇ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସଚେତନତା ଆଧାରିତ କ୍ଷୁଦ୍ର ନାଟକ ପ୍ରଦର୍ଶନ କରାଯାଇଥିଲା ।

## ଯମ ଦ୍ୱିତୀୟା ପାଳିତ

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଅବସରରେ ଆଜି ପୁରୀ ହରଚଣ୍ଡୀ ସାହି ନିକଟ ଗୌଡବାଡ ସାହିସ୍ଥିତ ଜମ୍ବେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଳିତ ହେଉଛି । ଏଥିପାଇଁ ହବିଷ୍ୟାଳୀଙ୍କର ସେଠାରେ ଭିଡ଼ ପରିଲକ୍ଷିତ ହୋଇଛି । ମନ୍ଦିରରେ ପୂଜିତ ପଣ୍ଡୁ ନୃସିଂହ ଏବଂ ମା' କୃଷ୍ଣକାଳୀଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଛି । ମନ୍ଦିରରେ ପୂଜିତ ଶ୍ରୀ ଯମ ଦେବତାଙ୍କ ପାଖରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଛି । ମନ୍ଦିର ନିକଟରେ ଆଜି ସଂଧ୍ୟାରେ ମେଳା ଆୟୋଜନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ଗିରି ଗୋବର୍ଦ୍ଧନ ପୂଜା

ବୌଦ୍ଧ ଜିଲ୍ଲାରେ ଗତ ରାତିରେ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଛି । କାଳେଶ୍ୱର ଓ ନାରାୟଣପୁର ସମେତ ବିଭିନ୍ନ ଗ୍ରାମରେ ଅନ୍ନର ପାହାଡ଼ରେ ଶ୍ରୀ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତୀମା ବିଜେ କରିବା ସହ ପୂଜାନୀତି ଅନୁଷ୍ଠିତ ହୋଇଛି । ମନ୍ଦିରରେ ଏକ ଅନ୍ନର ପାହାଡ଼ ନିର୍ମାଣ କରାଯାଇ ପ୍ରଭୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତୀମାକୁ ତାହା ଉପରେ ବିରାଜମାନ କରାଯାଇଥାଏ । ପୂଜା ପରେ ମନ୍ଦିର ଚୂଡାକୁ ମହାଦୀପ ଏବଂ ଧ୍ୱଜା ଉଠିଥାଏ । ଏହାପରେ ଅନ୍ୟ ପାହାଡ଼ର ଅନ୍ନକୁ ପ୍ରସାଦ ଭାବରେ ଭକ୍ତଙ୍କ

ଗହଣରେ ବାଣ୍ଟି ଦିଆଯାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ବାରବାଟୀ କ୍ରିକେଟ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଫେବୃୟାରୀ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍‌ର ପ୍ରସ୍ତୁତି ସଂକ୍ରାନ୍ତ ଓଡ଼ିଶା କ୍ରିକେଟ ଆସୋସିଏସନର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି । ବୈଠକରେ କ୍ରିକେଟ୍ ମ୍ୟାଚ୍‌ର ସୁପରିଚାଳନା ଲକ୍ଷ୍ୟରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି । ଦୁଇ ଦଳର ଖେଳାଳିଙ୍କ ସହ କର୍ମକର୍ତ୍ତାଙ୍କୁ ଭୁବନେଶ୍ୱର ଷ୍ଟାର ହୋଟେଲରେ ରଖିବାର ବ୍ୟବସ୍ଥା ହୋଇଛି । ଏଥିସହ ଗ୍ୟାଲେରୀ ଅନୁଯାୟୀ ଟିକଟର ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ ହୋଇଛି । ୭ ନମ୍ବର ଗ୍ୟାଲେରୀର ଟିକଟର ମୂଲ୍ୟ ୮୦୦ ଟଙ୍କା ଏବଂ ନୂଆ ପ୍ୟାଭିଲିୟନର ଟିକଟ ମୂଲ୍ୟ ସର୍ବାଧିକ ୧୦ହଜାର ଟଙ୍କା ସ୍ଥିର ହୋଇଥିବା ଜଣାପଡିଛି ।

# କୃଷି ଯନ୍ତ୍ରପାତି ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲିଠାରୁ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯିବ । ଆସନ୍ତାକାଲି ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ, ୬ ତାରିଖରେ କଳାହାଣ୍ଡିର ଧର୍ମଗଡ, ୧୨ ତାରିଖରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ, ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ,

ଗଞ୍ଜାମର ଭଞ୍ଜନଗର ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆଠାରେ ଏହି ମେଳାର ଆୟୋଜନ ହେବ । କୃଷି ଯନ୍ତ୍ରପାତି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ବିକ୍ରୟ ସହ କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର କରାଯିବ । ଅଧିକ ସୂଚନା ପାଇଁ କୃଷି ସମୃଦ୍ଧି ହେଲ୍‌ପଲାଇନ୍ ନମ୍ବର ୧୫୫-୩୩୩ରେ ଯୋଗାଯୋଗ କରାଯାଇପାରିବ ।